**ଘର ଭାଙ୍ଗି ଦେବା ଅଭିଯୋଗ**

ବଇଣ୍ଡା,୧୭।୨(ଡି.ଏନ.ଏ.): କିଶୋରନଗର ବ୍ଲକ ହଣ୍ଡପା ଥାନା ଭେଜିଗୋଠ ଗ୍ରାମର ମଲି ମାଝିଙ୍କ ଚାଳ ଘର ତାଙ୍କ ପୁତୁରା ପ୍ରକାଶ ମାଝି ଓ ମାମୁ ଭାଙ୍ଗି ଦେଇଥିବା ଗୁରୁବାର ମଲି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୪୧/୨୩ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ପାରିବାରିକ କଳହକୁ କେନ୍ଦ୍ରକରି ମଲିଙ୍କୁ ପ୍ରକାଶ ଓ ତାଙ୍କ ମାମୁ ଗାଳିଗୁଲଜ କରିବା ସହ ତାଙ୍କ ଘର ଭାଙ୍ଗି ଦେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

## ସଂକ୍ଷେପରେ

### ଚିକିତ୍ସାରେ ବରିଷ୍ଠ ନାଗରିକଙ୍କୁ ଅଗ୍ରାଧିକାର ଦାବି

ଅନୁଗୋଳ ଅଫିସ, ୧୭।୨: ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିବା ସୁପର ସ୍ପେଶାଲିଷ୍ଟ ଡାକ୍ତରଙ୍କ ନିକଟରେ ଚିକିତ୍ସା ନିମନ୍ତେ ବରିଷ୍ଠ ନାଗରିକମାନଙ୍କୁ ଅଗ୍ରାଧିକାର ଦିଆଯାଉ। ଏ ନେଇ ଅନୁଗୋଳ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଏକ ଦାବିପତ୍ର ଢେଙ୍କାନାଳ ଏମ୍ପି ମହେଶ ସାହୁଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ରରେ ଦର୍ଶାଯାଇଛି, ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିବା ବରିଷ୍ଠ ନାଗରିକମାନେ ଅନେକ ସମୟରେ ଲମ୍ବା ଧାଡ଼ିରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଛନ୍ତି। ଏପରି କି ବାହାରୁ ଆସୁଥିବା ସୁପର ସ୍ପେଶାଲିଷ୍ଟ ଡାକ୍ତରଙ୍କୁ ମଧ ବେଳେ ବେଳେ ଦେଖାକରିପାରୁ ନାହାନ୍ତି। ଏହି ସ୍ପେଶାଲିଷ୍ଟ ଡାକ୍ତରମାନେ ଦିନକୁ ମାତ୍ର ୫୦ ରୋଗୀ ଦେଖୁଥିବାରୁ ଧାଡ଼ିରେ ଠିଆ ହୋଇଥିବା ବରିଷ୍ଠ ନାଗରିକମାନଙ୍କୁ ଅନେକ ସମୟରେ ସେବାରୁ ବଞ୍ଚିତ ହେବାକୁ ପଡୁଛି। ତେଣୁ ଔଷଧ ବିତରଣ କେନ୍ଦ୍ରରେ ଯେପରି ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି, ସେହିଭଳି ସୁପର ସ୍ପେଶାଲିଷ୍ଟ ଡାକ୍ତରଙ୍କ ନିକଟରେ ଚିକିତ୍ସା ସେବା କ୍ଷେତ୍ରରେ ବରିଷ୍ଠ ନାଗରିକଙ୍କୁ ଅଗ୍ରାଧିକାର ଦିଆଯାଉ। ଏହି ଦାବିପତ୍ର ପ୍ରଦାନ ବେଳେ ମଞ୍ଚ ପକ୍ଷରୁ କୃଷ୍ଣଚନ୍ଦ୍ର ନନ୍ଦ, ପୂର୍ଣ୍ଣଚନ୍ଦ୍ର ରାଉତ, ସୁଶୀଲ କୁମାର ପଟ୍ଟନାୟକ, ସୁଜିତ କୁମାର ଦାଶ, ମଦନମୋହନ ପଟ୍ଟନାୟକ, ରମେଶ ଚନ୍ଦ୍ର ମିଶ୍ର, ମାର୍କଣ୍ଡେଶ୍ୱର ନନ୍ଦ, କୁମର ମୁଦୁଲି, ପ୍ରାଣବନ୍ଧୁ ମୁଦୁଲି, ମଧୁସୂଦନ ଦାଶ, ପ୍ରଦୀପ୍ତ କିଶୋର ଦେହୁରୀ, ପ୍ରଶାନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ୫ ଶ୍ରେଣୀକୁ ଗୋଟିଏ କୋଠରି

**କୁମ୍ଭିଆ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଭିତ୍ତିଭୂମି ଅଭାବ**



ମାଧପୁର, ୧୭।୨

ପ୍ରାଥମିକ ବିଦ୍ୟାଳୟରେ ନାହିଁ ଉପଯୁକ୍ତ ଭିତ୍ତିଭୂମି। ଶିକ୍ଷାନୁଷ୍ଠାନରେ ଥିବା ୨ଟି କୋଠରି ମଧ୍ୟରୁ ଗୋଟିଏ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଆଉ ଗୋଟିଏ କୋଠରିରେ ବସୁଛନ୍ତି ପ୍ରଥମରୁ ପଞ୍ଚମ ଶ୍ରେଣୀର ଛାତ୍ରୀଛାତ୍ର। ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ କିଆକଟା ପଞ୍ଚାୟତରେ ଥିବା କୁମ୍ଭିଆ ସରକାରୀ ପ୍ରାଥମିକ ବିଦ୍ୟାଳୟର ଏପରି ସମସ୍ୟା ସମ୍ପର୍କରେ ଅବଗତ ଅଛି ଜିଲା ଶିକ୍ଷା ପ୍ରଶାସନ। ବର୍ଷେ ତଳୁ ଏ ନେଇ ଅଭିଯୋଗପତ୍ର ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରାଯାଇଛି। ପାଠପଢ଼ାରେ ହେଉଥିବା ଅସୁବିଧା ଦୂର କରିବାକୁ ଦାବି କରାଯାଇଛି। ହେଲେ ଏଯାଏ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ପଞ୍ଚାୟତର ସମିତି ସଭ୍ୟ ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଅଭିଭାବକଙ୍କ ଅଭିଯୋଗ ଅନୁଯାୟୀ, ପ୍ରଥମରୁ ୫ମ ଶ୍ରେଣୀ ଯାଏ ଥିବା କୁମ୍ଭିଆ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଏବେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୩୩। ହେଲେ ଏହି ୫ଟି ଶ୍ରେଣୀର ପିଲାଙ୍କ ପାଠପଢ଼ା ପାଇଁ ଆବଶ୍ୟକ ଶ୍ରେଣୀଗୃହ ନାହିଁ। ଗୋଟିଏ କୋଠରି ଅତ୍ୟନ୍ତ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଛାତରୁ ସିମେଣ୍ଟ ଖଣ୍ଡ ଖସୁଛି। ବର୍ଷା ହେଲେ ପାଣି ଗଳୁଛି। ତେଣୁ ତାହାକୁ ପାଠପଢ଼ାରେ ବ୍ୟବହାର କରାଯାଉ ନାହିଁ। ଫଳରେ ଆଉ ଗୋଟିଏ କୋଠରିରେ ୫ଟି ଶ୍ରେଣୀର ପିଲାଙ୍କୁ ବସାଯାଇ ଶିକ୍ଷାଦାନ କରାଯାଉଛି। ପୂର୍ବରୁ ଏଠାରେ ଜଣେ ଶିକ୍ଷକ ଶିକ୍ଷାଦାନ କରୁଥିଲେ। ହେଲେ ଗ୍ରାମବାସୀଙ୍କ ବାରମ୍ବାର ଦାବି ପରେ ଆଉ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। କିନ୍ତୁ ଅଧିକ କୋଠରି ନିର୍ମାଣ କରାଯାଉ ନ ଥିବାରୁ ଗୋଟିଏ ଶ୍ରେଣୀଗୃହରେ ୫ଟି ଶ୍ରେଣୀର ପିଲାଙ୍କୁ ବସାଯାଇ ୨ ଜଣ ଶିକ୍ଷକ ପଢ଼ାଇବାକୁ ବାଧ୍ୟ ହେଉଛନ୍ତି। କେବଳ ଶ୍ରେଣୀଗୃହ ନୁହେଁ, ବିଦ୍ୟାଳୟ ଚାରିପାଖେ ପାଚେରି ନିର୍ମାଣ ହୋଇ ନ ଥିବାବେଳେ ବିଶୁଦ୍ଧ ପାନୀୟ ଜଳର ସେପରି ସୁବିଧା ନାହିଁ। ତେଣୁ ତୁରନ୍ତ ଜିଲା ଶିକ୍ଷା ଅଧିକାରୀ ଏହି ପ୍ରାଥମିକ ବିଦ୍ୟାଳୟର ଭିତ୍ତିଭୂମିରେ ସୁଧାର ଆଣିବାକୁ ଦାବି କରାଯାଇଛି।

**ବର୍ଷେ ତଳୁ କରାଗଲାଣି ଅବଗତ**



ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ୩୦ ଅଗଷ୍ଟ ୨୦୨୨ରେ ଆଠମଲ୍ଲିକ ବିଡିଓଙ୍କୁ ଚିଠି (ନଂ. ୩୦/୨୦୨୨)ରେ ଅବଗତ କରାଯାଇଥିଲା। ବ୍ଲକ ଶିକ୍ଷା ଅଧିକାରୀ ମଧ ଏ ବିଷୟରେ ଅବଗତ ରହିଛନ୍ତି। ହେଲେ ପଦକ୍ଷେପ ନିଆଯାଉ ନ ଥିବାରୁ ଜିଲାପାଳଙ୍କୁ ଲିଖିତ ଭାବରେ ଜଣାଇଛି।

-ସୃଶ୍ରିତା କର୍ଣ୍ଣ, ସମିତି ସଭ୍ୟା, କିଆକଟା ପଞ୍ଚାୟତ

**ନୂଆ ଶ୍ରେଣୀ ଗୃହ ନିର୍ମାଣ ହେଉ**



ଗୋଟିଏ କୋଠରିରେ ୫ଟି ଶ୍ରେଣୀର ପିଲାଙ୍କୁ ବସାଯାଉଥିବାରୁ ପାଠପଢ଼ାରେ ଅସୁବିଧା ହେଉଛି। ଶିକ୍ଷକ ନିଯୁକ୍ତି ଦିଆଗଲେ ମଧ ନୂଆ ଶ୍ରେଣୀ ଗୃହ ନିର୍ମାଣ ଦିଗରେ ଦୃଷ୍ଟି ଦିଆଗଲା ନାହିଁ। ଫଳରେ ଏଠାରେ ପାଠପଢ଼ା ସୁଚାରୁ ରୂପେ ସମ୍ପାଦିତ ହୋଇପାରୁ ନାହିଁ।

-ମନୋରଞ୍ଜନ ମହାଖୁଡ, ଅଭିଭାବକ

**ସମସ୍ୟାର ସମାଧାନ କରାଯାଉନି**



ସ୍କୁଲ ପରିଚାଳନା କମିଟି କର୍ମକର୍ତ୍ତାମାନେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଦେଖାକରି ବିଦ୍ୟାଳୟରେ ଥିବା ଅବ୍ୟବସ୍ଥା ବିଷୟରେ ଜଣାଇଥିଲେ। ହେଲେ ଆଜି ପର୍ଯ୍ୟନ୍ତ ସମସ୍ୟାର ସମାଧାନ ଦିଗରେ କୌଣସି ପଦକ୍ଷେପ ନିଆଗଲା ନାହିଁ।

ସଙ୍ଗମ କର୍ଣ୍ଣ, ୱାର୍ଡ ସଭ୍ୟ

**ନୂଆ ଶ୍ରେଣୀଗୃହ ନିର୍ମାଣ କରାଯିବ**



କୁମ୍ଭିଆ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀ ଗୃହ ନିର୍ମାଣ ଅତି ଜରୁରୀ। ଏଠାରେ ଜିଲା ଖଣିଜ ପାଣ୍ଠି ଫଣ୍ଡରୁ ଗୋଟିଏ ଶ୍ରେଣୀଗୃହ ନିର୍ମାଣ କରିବାକୁ ବିଡିଓଙ୍କ କାର୍ଯ୍ୟାଳୟରୁ ଚିଠି ଆସିଛି। ଖୁବ୍‌ଶୀଘ୍ର ଏଠାରେ ନୂତନ ଶ୍ରେଣୀଗୃହ ନିର୍ମାଣ କରାଯିବ।

-ଦାଶରଥି ଶୁଣ୍ଡି, ବ୍ଲକ ଶିକ୍ଷା ଅଧିକାରୀ, ଆଠମଲ୍ଲିକ

## ପାଠରେ ମନଦେବାକୁ ପରାମର୍ଶ

ଛେଣ୍ଡିପଦା,୧୭।୨(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ କୋଶଳା ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ବିଦ୍ୟାଳୟ ଅଧ୍ୟକ୍ଷା ଭାମାରାଣୀ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ବର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ବେହେରା ଯୋଗଦେଇ ଶିକ୍ଷାରେ ମନଦେଲେ ସମାଜରେ ଜଣେ ଭଲ ମଣିଷ ହୋଇପାରିବ ବୋଲି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ରଜକିଶୋର ସାହୁ, ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗଦେଇ ଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ଶିକ୍ଷାନୁଷ୍ଠାନର ବିଭିନ୍ନ ସମସ୍ୟା ସମ୍ପର୍କରେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଧ୍ୟାପକ ଡ. ମନୋଜ କୁମାର ବେହେରା ମଞ୍ଚ ପରିଚାଳନା କରିଥିବାବେଳେ ପ୍ରାଧ୍ୟାପକ ଦିଲୀପରାଜ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। କାର୍ଯ୍ୟାଳୟ ସହାୟକ ପ୍ରତାପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଖେଳ ଅଧ୍ୟାପକ ନିରଞ୍ଜନ ପ୍ରଧାନ ଓ ବରିଷ୍ଠ କିରାଣି କ୍ଷୀରମୋହନ ସାହୁଙ୍କ ନେତୃତ୍ୱରେ କାର୍ଯ୍ୟ ପରିଚାଳନା ହୋଇଥିଲା। ଅବସରପ୍ରାପ୍ତ ପ୍ରାଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ଭାସ୍କର ଚନ୍ଦ୍ର ସାହୁ, ଲକ୍ଷ୍ମୀପ୍ରିୟା ନାଏକ, ପିନାକ ରଞ୍ଜନ ସାହୁ, ସୁମନ ନାଏକ ଓ ତରୁଣ କୁମାର ନାଥ, ଦିଲୀପ ସାହୁ, ଅଭୟ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

## ଶ୍ରମିକଙ୍କୁ ସରକାରୀ ସହାୟତା ରାଶି ପ୍ରଦାନ

ଆଠମଲ୍ଲିକ, ୧୭।୨ (ଡି.ଏନ.ଏ.)

ଓଡ଼ିଶା କୋଠାବାଡ଼ି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଦ୍ୱାରା ଆଠମଲ୍ଲିକ ମିନି ଷ୍ଟାଡିୟମଠାରେ ନିର୍ମାଣ ଶ୍ରମିକମାନଙ୍କ ସହାୟତା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଜିଲା ପ୍ରଶାସନ ଓ ଶ୍ରମ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରରେ ଜିଲା ଶ୍ରମ ଅଧିକାରୀ ଇତିଶ୍ରୀ ଗାଗରାଇ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଉପଜିଲାପାଳ ତରଣୀ ସୁନା, ବିଧାୟକଙ୍କ ପ୍ରତିନିଧି ନିରଞ୍ଜନ ରଣା, ସହକାରୀ ଶ୍ରମ ଅଧିକାରୀ ଦେବପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇ ସରକାରୀ ସହାୟତାର ଲାଭ ନେବାକୁ ପରାମର୍ଶ ଦେଇଥିଲେ। ବିଧାୟକଙ୍କ ପ୍ରତିନିଧି ରଣା ଆଠମଲ୍ଲିକରେ ଅତିରିକ୍ତ ଶ୍ରମ କାର୍ଯ୍ୟାଳୟ ଖୋଲିବାକୁ ଦୃଷ୍ଟି ଆକର୍ଷଣ କରିଥିଲେ। ଉକ୍ତ ଶିବିରରେ ୨୮୦ ଶ୍ରମିକ ଯୋଗ ଦେଇଥିଲେ। ୧୨୦ ଜଣ ଶ୍ରମିକଙ୍କ ମୃତ୍ୟୁକାଳୀନ ସହାୟତା ତାଙ୍କ ପରିବାରକୁ ପ୍ରଦାନ କରାଯାଇଥିଲା। ସେହିପରି ଝିଅ ବିବାହ ପାଇଁ ଆର୍ଥିକ ସହାୟତା, ସନ୍ତାନଙ୍କ ଶିକ୍ଷା ସହାୟତା ବାବଦକୁ ୬୭ ଲକ୍ଷ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ୧୬୦ ଜଣଙ୍କୁ ନୂତନ ଶ୍ରମ କାର୍ଡ ବଣ୍ଟନ କରାଯାଇଥିଲା।



## ଜାତୀୟ ରାଜପଥ ସମ୍ପ୍ରସାରଣ ତଦାରଖ

ଅନୁଗୋଳ ଅଫିସ, ୧୭।୨

କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ଅନୁଗୋଳଠାରୁ ବଇଣ୍ଡା ପର୍ଯ୍ୟନ୍ତ ସମ୍ପ୍ରସାରଣ କାର୍ଯ୍ୟର ତଦାରଖ କରିଛନ୍ତି ଅନୁଗୋଳ ଉପଜିଲାପାଳ ବଇତୁରା ଦୀପ। ରାଜପଥ ନିର୍ମାଣ, ଓଭରବ୍ରିଜ୍, ଫ୍ଲାଇ ଓଭର, ବନ୍ୟଜନ୍ତୁଙ୍କ ଯାତାୟାତ ପଥ ଆଦିର ଅନୁଧ୍ୟାନ କରିବା ସହ ଏହାର ଅଗ୍ରଗତି ଉପରେ ଉପଜିଲାପାଳ ସମୀକ୍ଷା କରିଛନ୍ତି। ଏଥିସହ ସମ୍ପ୍ରସାରଣ କାର୍ଯ୍ୟ କରୁଥିବା ଏଆଇପିଏଲ୍ କମ୍ପାନୀ ଅଧିକାରୀଙ୍କୁ ଡାକି ତୁରନ୍ତ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ରାଜପଥ ସମ୍ପ୍ରସାରଣ ପାଇଁ କ୍ଷତିଗ୍ରସ୍ତ ହୋଇଥିବା ସାଆନ୍ତରାପୁର ଓ କତଡ଼ାର ୨ଟି ବିଦ୍ୟାଳୟ ସ୍ଥାନାନ୍ତରୀକରଣ, ଗ୍ରାମ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବିଦ୍ୟାଳୟ ଗୃହ ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରି ତୁରନ୍ତ ଶେଷ କରିବାକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। କତଡ଼ାଠାରେ ଏକ ଟ୍ରକ୍ ଟର୍ମିନାଲ ନିର୍ମାଣ ନିମନ୍ତେ ସ୍ଥାନ ପର୍ଯ୍ୟବେକ୍ଷଣ କରିଥିଲେ। ଅନୁଗୋଳଠାରୁ ଆଠମଲ୍ଲିକ ରାଜପଥ ମଧ ଅନୁଧ୍ୟାନ କରିଥିଲେ। ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଥିବା ଗ୍ରାମବାସୀ ଓ ଲୋକ ପ୍ରତିନିଧିଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ନିମନ୍ତେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ। ଶେଷରେ ଜରପଡ଼ା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପରିଦର୍ଶନ କରି ଚଳିତବର୍ଷର ରାଜସ୍ୱ ସଂଗ୍ରହ ସମ୍ପର୍କରେ ସମୀକ୍ଷା କରିବା ସହ ଧାର୍ଯ୍ୟଲକ୍ଷ୍ୟ ପୂରଣ ଦିଗରେ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଠମଲ୍ଲିକ ଉପଜିଲାପାଳ ତରଣୀ ସୁନା, ବଅଁରପାଳ ତହସିଲଦାର ସଚ୍ଚିଦାନନ୍ଦ ନାୟକ, ଛେଣ୍ଡିପଦା ତହସିଲଦାର ଡାନିଏଲ ଏକା, କିଶୋରନଗର ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର, ଜିଲା କାର୍ଯ୍ୟାଳୟର ସହକାରୀ ଜିଲାପାଳ ସୁକାନ୍ତ କୁମାର ସାହୁ, ଏଆଇପିଏଲ୍‌ର ଏଜିଏମ୍ ପ୍ରମୁଖ ଉପସ୍ଥିତ ଥିଲେ।



ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ତଦାରଖ କରୁଛନ୍ତି ଉପଜିଲାପାଳ ଓ ଅନ୍ୟ ଅଧିକାରୀ।

## ଏନ୍‌ଟିପିସି ପକ୍ଷରୁ ଭଲିବଲ ଟୁର୍ନାମେଣ୍ଟ

କଣିହାଁ,୧୭।୨(ଡି.ଏନ.ଏ.)

କ୍ରୀଡ଼ା ପ୍ରତି ଗ୍ରାମୀଣ ଯୁବକମାନଙ୍କ ମଧ୍ୟରେ ଉତ୍ସାହ ଭରିବା ଉଦ୍ଦେଶ୍ୟରେ କଣିହାଁସ୍ଥିତ ଏନ୍‌ଟିପିସି ପକ୍ଷରୁ ଶୁକ୍ରବାର ପିଟିସି ଟାଉନଶିପ୍‌ରେ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏନ୍‌ଟିପିସି ଇଡି କେ. ସୁନ୍ଦରାମ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ପ୍ରତ୍ୟେକଙ୍କ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକଳାପ। କ୍ରୀଡ଼ା ଶରୀରକୁ ସୁସ୍ଥ ରଖିଥାଏ ବୋଲି ମୁଖ୍ୟଅତିଥି ପ୍ରକାଶ କରିଥିଲେ। ଜିଏମ୍ (ଓଆଣ୍ଡଏମ୍) ଏ.କେ. ସେହଗାଲ, ଜିଏମ୍ (ପ୍ରୋଜେକ୍ଟ) ଆର୍.କେ. ଦାସ, ଜିଏମ୍ (ଅପରେଶନ) ୱାଇ.ଏମ୍. ମୁରଲିକ୍ରିଷ୍ଣା, ଏଜିଏମ୍ (ସିଏସ୍ଆର୍) ରଫିକୁଲ ଇସଲାମ, ଏଜିଏମ୍ (ଏଚ୍ଆର୍) ବି.କେ. ପାଣ୍ଡେ, ୟୁନିଅନ ଏବଂ ଆସୋସିଏଶନର ସଦସ୍ୟ, କ୍ରୀଡ଼ା ପରିଷଦର ସଦସ୍ୟମାନେ ଉପସ୍ଥିତ ଥିଲେ।




ଭଲିବଲ ପ୍ରତିଯୋଗିତାକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

## କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର

ବଅଁରପାଳ,୧୭।୨(ଡି.ଏନ.ଏ.)

ବଅଁରପାଳସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ସମ୍ମାନିତ ଅତିଥି ଭାବେ ବଅଁରପାଳ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥ, ମୁଖ୍ୟବକ୍ତା ପଣ୍ଡିତ ମହେଶ ସାହୁ, ଶିକ୍ଷାନୁଷ୍ଠାନ ପରିଚାଳନା କମିଟି ସଭାପତି ସତ୍ୟବାନ ବରାହ, ସମ୍ପାଦକ ଅଖିଳ କୁମାର ମହାପାତ୍ର ଓ ପ୍ରଧାନ ଆଚାର୍ଯ୍ୟ ପ୍ରଭାତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନ ଆଚାର୍ଯ୍ୟ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଗୁରୁମା ଚିନ୍ମୟୀ ପ୍ରଧାନ, ମୋନାଲିନ ପାଣି ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷାନୁଷ୍ଠାନ ଉପ ସଭାପତି ପ୍ରକାଶ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଗୁରୁମା, ଗୁରୁଜୀ ଓ ପରିଚାଳନା କମିଟି ସଦସ୍ୟାସଦସ୍ୟ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ବାର୍ଷିକ ଉତ୍ସବ ପ୍ରତିଭା ପ୍ରଦର୍ଶନର ମାର୍ଗ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

କଣିହାଁ,୧୭।୨(ଡି.ଏନ.ଏ.)

କଣିହାଁ ବ୍ଲକ ବଡତ୍ରିବିଡା ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ମୋହନ ସୁନ୍ଦର ପାଣି ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପୁରାତନ ଛାତ୍ର ତଥା ଶ୍ରମିକ ନେତା ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ସ୍ୱତନ୍ତ୍ର ଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି ନିର୍ମଳ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସଭାପତି ପ୍ରହଲ୍ଲାଦ ଚନ୍ଦ୍ର ବାରିକ, ଆଲୁମନି ସଭାପତି ବେଣୁଧର ଦାସ, ସରପଞ୍ଚ ଶାନ୍ତନୁ ପ୍ରଧାନ, ସମିତି ସଭ୍ୟ କିଶୋର ଚନ୍ଦ୍ର ବେହେରା, ଶିକ୍ଷାବିତ୍ ବନମାଳୀ ପ୍ରଧାନ, ଇନ୍ଦ୍ରମଣି ବେହେରା, ଧନେଶ୍ୱର ବେହେରା, ଜରଡା ସେବା ସମବାୟ ସଭାପତି କିଶୋର ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇ ବାର୍ଷିକ ଉତ୍ସବ ଛାତ୍ରୀଛାତ୍ରଙ୍କ ପ୍ରତିଭା ପ୍ରଦର୍ଶନର ଅନ୍ୟତମ ମାର୍ଗ ବୋଲି ମତପ୍ରକାଶ କରିଥିଲେ। ସହକାରୀ ଶିକ୍ଷକ ରଞ୍ଜନ ବେହେରା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ନରହରି ଜାଲ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ, କର୍ମଚାରୀ ସହଯୋଗ କରିଥିଲେ।

## ମହୁଚାଷ ମହିଳାଙ୍କୁ ସ୍ୱାବଲମ୍ବୀ କରିବ

ବଇଣ୍ଡା,୧୭।୨(ଡି.ଏନ.ଏ.)

କିଶୋରନଗର ବ୍ଲକ ବଣିନାଳୀ ବିଶ୍ୱ ଯୁବକେନ୍ଦ୍ର ପକ୍ଷରୁ ବିଶ୍ୱ ଯୁବକେନ୍ଦ୍ର ପରିସରରେ ଶୁକ୍ରବାର ଏକ ଦିନିକିଆ ମହୁ ଚାଷ ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଯୁବକେନ୍ଦ୍ର ନିର୍ଦ୍ଦେଶକ ମନୋଜ ମହାପାତ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମହୁଚାଷ କରି କିଭଳି ମହିଳାମାନେ ସ୍ୱାବଲମ୍ବୀ ହୋଇପାରିବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଏଥିରେ କଣ୍ଟେଇକୋଳିଆ ଓ ଲୁହାମୁଣ୍ଡା ପଞ୍ଚାୟତର ୩୦ ମହିଳା ମହୁ ଚାଷୀ ଅଂଶଗ୍ରହଣ କରିଥିଲେ। ମହୁ ଚାଷୀ ସୀତା ବେହେରା, ଶ୍ରୀମତୀ ଦେହୁରୀ, ପୁଷ୍ପମଞ୍ଜରୀ ମାଟିଆରୀ, କୁମୁଦିନୀ ସାହୁ ମହୁ ବାକ୍ସ ଜରିଆରେ କିଭଳି ଚାଷ ହେବ ସେ ନେଇ ଆଲୋଚନା କରିଥିଲେ। ପୁନିଆ ସାହୁ, ଅଭିଷେକ ମହାପାତ୍ର ପ୍ରଶିକ୍ଷକ ଭାବେ ଯୋଗଦେଇ ଚାଷ ସମ୍ପର୍କିତ ପରାମର୍ଶ ଦେଇଥିଲେ। ସଂଯୁକ୍ତା ପ୍ରଧାନ, ଅଭୟ ସ୍ୱାଇଁ, ଜସ୍ମିତା ସାହୁ ସହଯୋଗ କରିଥିଲେ।



ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ ମହୁ ଚାଷୀମାନେ।

## ପ୍ରତ୍ୟେକ କ୍ଷେତ୍ରରେ ଶିକ୍ଷା ଆବଶ୍ୟକ

ବଇଣ୍ଡା,୧୭।୨(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଖୋଳପଦା ଯୁକ୍ତ ୨ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ନିରଜକାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ଉପଜିଲାପାଳ ତରଣୀ ସୁନା, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଧରଣୀଧର ନାଥ, ଅନ୍ୟତମ ଅତିଥି ଭାବେ ଆଠମଲ୍ଲିକ ତହସିଲଦାର ଯଶୋବନ୍ତ ଦେହୁରୀ ଯୋଗଦେଇ ପ୍ରତ୍ୟେକ କ୍ଷେତ୍ରରେ ଶିକ୍ଷାର ଆବଶ୍ୟକତା ରହିଥିବା ମତପ୍ରକାଶ କରିଥିଲେ। ଅଧ୍ୟାପକ ପ୍ରବୀଣ ସାହୁ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ପ୍ରଶ୍ନ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ବିବେକା ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଚକ୍ରଧର ପ୍ରଧାନ, ସୋମନାଥ ଗଡନାୟକ, ପଞ୍ଚାନନ ଗାଇଗରିଆ, ପଞ୍ଚାନନ ସାହୁ ସହଯୋଗ କରିଥିଲେ। ଛାତ୍ରୀଛାତ୍ରଙ୍କ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ବଣ୍ଟନ କରିଥିଲେ।



ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ମଞ୍ଚସୀନ ଅତିଥିମାନେ।

## ଟ୍ରାକ୍ଟର ଜବତ, ଜଣେ ଗିରଫ

ବଇଣ୍ଡା,୧୭।୨(ଡି.ଏନ.ଏ.)

କିଶୋରନଗର ବ୍ଲକ ହଣ୍ଡପା ଥାନା ଲୁହାମୁଣ୍ଡାର ଏକ ସ୍ଥାନରେ ହଣ୍ଡପା ପୋଲିସ ଗୁରୁବାର ରାତିରେ ଚଢାଉ କରି ୨ ଟନ୍ ଚୋରା କୋଇଲା ଜବତ କରିଛି। ଏଥିସହ ସେଠାରେ ଥିବା ଏକ ନମ୍ବର ବିହୀନ ଟ୍ରାକ୍ଟର ଜବତ କରାଯାଇଛି। ଏହି ଚୋରା କୋଇଲା ବ୍ୟବସାୟରେ ସମ୍ପୃକ୍ତ ଥିବା ଲୁହାମୁଣ୍ଡା ଗ୍ରାମର ବିଷ୍ଣୁଚରଣ ସାହୁଙ୍କୁ ଗିରଫ କରାଯାଇଛି। ଏ ନେଇ ନମ୍ବର ୪୨/୨୩ ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ କହିଛି, ଏକ ନିଛାଟିଆ ଅଞ୍ଚଳରେ କିଛିଦିନ ହେବ ଚୋରା କୋଇଲା କାରବାର ହେଉଥିବା ହଣ୍ଡପା ଥାନାରେ ଅଭିଯୋଗ ପରେ ଆଇଆଇସି ନମିତା ନାୟକ ଚଢାଉ କରିଥିଲେ।

## ଅସମାପ୍ତ କାର୍ଯ୍ୟ ଧାର୍ଯ୍ୟ ସମୟରେ ଶେଷକର

ଅନୁଗୋଳ ଅଫିସ, ୧୭।୨

ଢେଙ୍କାନାଳ ଏମ୍ପି ମହେଶ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଗୋଳ ଜିଲା ବିକାଶ, ସମନ୍ୱୟ ଏବଂ ତଦାରଖ କମିଟି (ଦିଶା) ବୈଠକ ଜିଲା ପରିଷଦ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜଳଯୋଗାଣ ଓ ପରିମଳ, ବିଦ୍ୟୁତ୍, ଜଙ୍ଗଲ, କୃଷି, ସ୍ୱାସ୍ଥ୍ୟ, ଉଦ୍ୟାନ କୃଷି, ଗ୍ରାମ୍ୟ ଗୃହ ନିର୍ମାଣ, ଜଳଛାୟା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ଦୂରସଞ୍ଚାର ସମ୍ପର୍କରେ ବିସ୍ତୃତ ଆଲୋଚନା କରି ଅସମାପ୍ତ ରହିଯାଇଥିବା କାର୍ଯ୍ୟଗୁଡ଼ିକୁ ଗୁରୁତ୍ୱର ସହ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଏମ୍ପି ପରାମର୍ଶ ଦେଇଥିଲେ।

ବୈଠକରେ ଉପସ୍ଥିତ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଓ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଳ ଗ୍ରାମାଞ୍ଚଳରେ ପାନୀୟ ଜଳ ଓ ବିଦ୍ୟୁତ୍ ଯୋଗାଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଜଙ୍ଗଲ ବିଭାଗ ଦ୍ୱାରା ପର୍ଯ୍ୟାପ୍ତ ପରିମାଣରେ ଚାରା ରୋପଣ, ତଦାରଖ ଓ ସ୍ୱତନ୍ତ୍ର ହାତୀ କରିଡର ନିର୍ମାଣ କରାଗଲେ ଜିଲାବାସୀ ଆଶ୍ୱସ୍ତ ହୋଇପାରିବେ ବୋଲି କହିଥିଲେ। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଜିଲାର ବିଭିନ୍ନ ପ୍ରକଳ୍ପର ଅନୁଧ୍ୟାନ ଓ ଅଗ୍ରଗତି ଉପରେ ରିପୋର୍ଟ ପ୍ରଦାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଳିତ ମୋହନ ବେହେରା, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଅଗସ୍ତି ବେହେରା, ତାମଡା ଅଧ୍ୟକ୍ଷ ଅବନୀକୁମାର ସାହୁ, ଅନୁଗୋଳ ନଗରପାଳ ଅକ୍ଷୟ କୁମାର ସାମନ୍ତ, ତାଳଚେର ନଗରପାଳ ପବିତ୍ର ଭୂତିଆ, ବସୁଧା ଯୋଜନାର ପରାମର୍ଶଦାତା ଦୀନେଶ ପ୍ରଧାନ, ସମସ୍ତ ପଞ୍ଚାୟତ ସମିତି ଅଧ୍ୟକ୍ଷା ଅଧ୍ୟକ୍ଷ ଓ ଜିଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପଦ୍ମନାଭ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।




ବୈଠକରେ ଜନ ପ୍ରତିନିଧିଙ୍କ ସହ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

**ଜିଲା ବିକାଶ, ସମନ୍ୱୟ ଓ ତଦାରଖ କମିଟି ବୈଠକ**

**ସ୍ତ୍ରୀଙ୍କ ଆତ୍ମହତ୍ୟା ମାମଲାରେ ସ୍ୱାମୀ ଗିରଫ**

ଅନୁଗୋଳ ଅଫିସ, ୧୭।୨- ଅନୁଗୋଳ ହୁଲୁରିସିଂହା ଦେହୁରୀସାହି ଅଞ୍ଚଳର ସୁପ୍ରଭା ଦେହୁରୀ(୨୩)ଙ୍କ ଆତ୍ମହତ୍ୟା ମାମଲାରେ ଅନୁଗୋଳ ପୋଲିସ ତାଙ୍କ ସ୍ୱାମୀ କାହ୍ନୁ ଦେହୁରୀଙ୍କୁ ଗିରଫ କରିଛି। ସୁପ୍ରଭାଙ୍କ ମା’ ନଳିନୀ ବେହେରା ଏ ନେଇ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୮୬/୨୩ରେ ମାମଲା ରୁଜୁ କରି କାହ୍ନୁଙ୍କୁ ଗିରଫ କରିଛି। ପୋଲିସ କହିଛି, ସୁପ୍ରଭାଙ୍କୁ କାହ୍ନୁ ଓ ତାଙ୍କ ପରିବାର ଯୌତୁକ ପାଇଁ ନିର୍ଯାତନା ଦେଉଥିଲେ। ଫଳରେ ନିର୍ଯାତନା ସହ୍ୟ କରି ନ ପାରି ସୁପ୍ରଭା ଆତ୍ମହତ୍ୟା କରିଥିବା ନଳିନୀ ଏତଲାରେ ଦର୍ଶାଇଛନ୍ତି।

## ସଂକ୍ଷେପରେ

### ଦୁର୍ଘଟଣାରେ ଗୁଡ଼ ବ୍ୟବସାୟୀ ମୃତ

**ରାସୋଳ, ୧୭।୨(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ରାସୋଳ ଥାନା ଅନ୍ତର୍ଗତ ପୁରୁଣା କଟକ-ସମ୍ବଲପୁର ରାସ୍ତାର ଚିଲତଇଲା ନିକଟରେ ଶୁକ୍ରବାର ସଡ଼କ ଦୁର୍ଘଟଣା ଘଟି ଜଣେ ଗୁଡ଼ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଯୋଗୀ ସାହୁ (୭୦)। ଅପରାହ୍ନ ପ୍ରାୟ ୨ଟାରେ ସେ ଗୁଡ଼ ବ୍ୟବସାୟ ସାରି ସାଇକେଲ୍‌ରେ ଘରକୁ ଫେରୁଥିବାବେଳେ ଏକ ଚାରିଚକିଆ ଗାଡ଼ି ତାଙ୍କୁ ଧକ୍କାଦେଇ ଫେରାର ହୋଇଯାଇଥିଲା। ଘଟଣାସ୍ଥଳରେ ଯୋଗୀଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ସ୍ଥାନୀୟ ବାସିନ୍ଦାଙ୍କଠାରୁ ସୂଚନା ପାଇ ରାସୋଳ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲା। ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ଅନ୍ୟପଟେ ହିନ୍ଦୋଳ ଡାକ୍ତରଖାନାରେ ଡାକ୍ତର ଅଭାବରୁ ମୃତଦେହ ବ୍ୟବଚ୍ଛେଦ ହୋଇପାରିନାହିଁ। ତେଣୁ ପରିବାର ଲୋକେ ଦିନତମାମ ହନ୍ତସନ୍ତ ହୋଇଥିବା ଅଭିଯୋଗ କରିଛନ୍ତି।

### କ୍ୟାରିୟର କାଉନ୍‌ସେଲିଂ

**ସାତମାଇଲ, ୧୭।୨(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ଖଜୁରିଆକଟାସ୍ଥିତ ହିନ୍ଦୋଳ କଲେଜରେ ଓଡ଼ିଶା ନଲେଜ କର୍ପୋରେଶନ ଶିକ୍ଷାନୁଷ୍ଠାନ ତରଫରୁ ଏକଦିବସୀୟ କ୍ୟାରିୟର କାଉନ୍‌ସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୁକ୍ତ ୩ ପଦାର୍ଥ ବିଜ୍ଞାନ ଏବଂ ଇତିହାସ ବିଭାଗର ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଓଡ଼ିଶା ନଲେଜ କର୍ପୋରେଶନର ଶାଖା ପରିଚାଳକ ପ୍ରଶାନ୍ତ କୁମାର ଜେନାମଣି ଆଲୋଚନାରେ ଭାଗନେଇ ଏବେକାର ସମୟରେ ପ୍ରଯୁକ୍ତି ବିଦ୍ୟାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। କମ୍ପ୍ୟୁଟର ଶିକ୍ଷୟିତ୍ରୀ ଶ୍ରୁତି ସୁନନ୍ଦିତା ମିଶ୍ର ଶିକ୍ଷାନୁଷ୍ଠାନରେ ପ୍ରଚଳିତ ବିଭିନ୍ନ ପାଠ୍ୟକ୍ରମ ବିଷୟରେ ବୁଝାଇଥିଲେ। ଅଧ୍ୟାପକ ବିମଳ ପ୍ରଧାନ, ଡ. ମହେନ୍ଦ୍ର ସ୍ୱାଇଁ, ଜୟନ୍ତ ନାରାୟଣ ପତି ଉପସ୍ଥିତ ଥିଲେ।

### ଜଟାଧାରୀଙ୍କ ପୀଠରେ ବାର୍ଷିକ ଉତ୍ସବ

**ଢେଙ୍କାନାଳ ଅଫିସ, ୧୭।୨:** ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ମୋଟଙ୍ଗା ଥାନା କୋଚିଲାମଡ଼ା ଗ୍ରାମର ଆରାଧ ଦେବତା ଶ୍ରୀ ଜଟାଧାରୀ ମହାପ୍ରଭୁଙ୍କ ବାର୍ଷିକ ଉତ୍ସବ ଶୁକ୍ରବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଫାଲ୍‌ଗୁନ କୃଷ୍ଣପକ୍ଷ ଦ୍ୱାଦଶୀ ତିଥିରେ ଏହି ଉତ୍ସବ ଆୟୋଜିତ ହୋଇଥାଏ। ଏହି ଉପଲକ୍ଷେ ମହାଯଜ୍ଞ, ଅହୋରାତ୍ର ନାମଯଜ୍ଞ ହୋଇଥିଲା। ଏଥିପୂର୍ବରୁ ପୂର୍ବାହ୍ନରେ ଲିଙ୍ଗରା ଯୋରରୁ ୩୦୮ ଶ୍ରଦ୍ଧାଳୁ ଜଳପୂର୍ଣ୍ଣ କଳସ ଧରି ଶୋଭାଯାତ୍ରାରେ ନଗର ପରିକ୍ରମା କରି ମଣ୍ଡପରେ ସ୍ଥାପନ କରିଥିଲେ। ମଧ୍ୟାହ୍ନରେ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା। ଶନିବାର କଳସ ବିସର୍ଜନ ହେବ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ଦିଆଯାଇଛି।

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ଢେଙ୍କାନାଳ ଅଫିସ, ୧୭।୨:** ଚୁକ୍ତି ଅବଧିକୁ ଚାକିରିରେ ସାମିଲ କରିବା, ଇନ୍‌କ୍ରିମେଣ୍ଟ ପ୍ରଦାନ ଏବଂ ନିୟମିତ ମାନ୍ୟତା ଦାବି କରି ଢେଙ୍କାନାଳ ସରକାରୀ ହାଇସ୍କୁଲ ଇନିସିଆଲ୍ ଆପଏଣ୍ଟି ତଥା ଏନ୍‌ପିଏସ୍ ସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସରକାର ଚୁକ୍ତିଭିତ୍ତିକ ପ୍ରଥା ଉଠାଇବାର ୪ ମାସ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ଯୋଗ୍ୟତାଧାରୀ କର୍ମଚାରୀଙ୍କୁ ନିୟମିତ କରିବାରେ ବିଳମ୍ବ ହେଉଛି। ଏହାର ପ୍ରତିବାଦରେ ସଂଘର ସଦସ୍ୟମାନେ ଶାନ୍ତିପୂର୍ଣ୍ଣ ପଦଯାତ୍ରାରେ ଜିଲାପାଳ ଓ ଜିଲା ଶିକ୍ଷାଧିକାରୀଙ୍କ ଅଫିସ୍ ପର୍ଯ୍ୟନ୍ତ ଯାଇ ଦାବିପତ୍ର ଦେଇଥିଲେ। ସଭାପତି ପୂର୍ଣ୍ଣଚନ୍ଦ୍ର ଆଇଚ୍, ଉପଦେଷ୍ଟା ସୁଧାଂଶୁ ପଣ୍ଡା, ସାଧାରଣ ସମ୍ପାଦକ ଟିକିନା ସାହୁ, ମହାସଚିବ ସଦାନନ୍ଦ ରାଉତ, ଆବାହକ ଯଶୋବନ୍ତ ମହାପାତ୍ର, ରାଜ୍ୟ ସଂଯୋଜକ ରାଜେନ୍ଦ୍ର ମଲ୍ଲିକ, ଆକାଶ ବେହେରା, ଅକ୍ଷୟ ଶତପଥୀ, ବଳରାମ ସାହୁ, ବିଶ୍ୱଜିତ୍ ଦଳେଇ, ଗଣେଶ୍ୱର ବେହେରା, ଅନିଲ୍ ନନ୍ଦ, ସଞ୍ଜୟ ମୁଦୁଲି, ରମାକାନ୍ତ ସାହୁ, ଗଗନ ବିହାରୀ ପାଣିଗ୍ରାହୀ, ପୂର୍ଣ୍ଣିମା ମହାନ୍ତି, ସନ୍ତୋଷ ସାହୁ, ସୁଜାତା ସାସମଲ୍, ମଧୁଛନ୍ଦା ସାମନ୍ତରାୟ, ପ୍ରଶାନ୍ତ ସାହୁ, ତସଲିମା ରୋଜାଲିନ, ଲିଟା ରଥ, ଅର୍ଚ୍ଚନା ସାହୁ, ପଙ୍କଜ ବାରିକ, ନିରଞ୍ଜନ ଦଳେଇ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

# ଅନୁଦାନ ମିଳିଲା, ଆଶଙ୍କାରେ ଉନ୍ନତି

- ■କପିଳାସ ପୀଠକୁ ରାଜ୍ୟ ସରକାର ଦେଲେ ୧୦ କୋଟି
- ■ଦୁର୍ବଳ ଗର୍ଭଗୃହ ମରାମତିରେ ଏଏସ୍ଆଇ ନିୟମ ଅଡୁଆ

**ଢେଙ୍କାନାଳ ଅଫିସ, ୧୭।୨**


କପିଳାସ ମନ୍ଦିର

କପିଳାସ କ୍ଷେତ୍ରାଧିପତି ଶ୍ରୀ ଚନ୍ଦ୍ରଶେଖରଜୀଉଙ୍କ ଆସ୍ଥାନ ତଥା ପ୍ରସିଦ୍ଧ ଶୈବକ୍ଷେତ୍ର କପିଳାସ ପୀଠର ଗର୍ଭଗୃହ ଦୁର୍ବଳ ହୋଇପଡ଼ିଛି। ସାମାନ୍ୟ ବର୍ଷା ହେଲେ ଭିଜୁଛନ୍ତି ମହାଦେବ। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ)ର ଅବହେଳାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ସେବାୟତମାନେ ଅଭିଯୋଗ ଆଣିବା ପରେ ଏହାକୁ ନେଇ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଏହାପରେ ପୀଠର ମୁଖ୍ୟ ମନ୍ଦିର ମରାମତି ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଉନ୍ନୟନ କାର୍ଯ୍ୟ ଲାଗି ରାଜ୍ୟ ସରକାର ୧୦ କୋଟି ଟଙ୍କା ଅନୁଦାନ ମଞ୍ଜୁର କରିଛନ୍ତି। ହେଲେ ଏହି ଅର୍ଥ ଏବେ କିପରି କାର୍ଯ୍ୟରେ ଲାଗିବ ତାହାକୁ ନେଇ ଚିନ୍ତା ବଢ଼ିଛି। କାରଣ ଯଦିଓ ମନ୍ଦିର ପରିଚାଳନା ଦାୟିତ୍ୱ ଦେବୋତ୍ତର ବିଭାଗ ନିର୍ବାହ କରୁଛି, ହେଲେ ଏଏସ୍ଆଇ ଅଧୀନରେ ଥିବାରୁ ରାଜ୍ୟର ଏହି ପ୍ରମୁଖ ଶୈବପୀଠରେ ମରାମତି କାର୍ଯ୍ୟ ତ ଦୂରର କଥା, ସାମାନ୍ୟ ମାଟି ମୁଠାଏ ମଧ୍ୟ ପକାଇ ପାରୁନାହିଁ ଜିଲା ପ୍ରଶାସନ। ତେଣୁ ରାଜ୍ୟ ସରକାରଙ୍କ ଉକ୍ତ ଅନୁଦାନ ଅର୍ଥ କିପରି ମନ୍ଦିର ବିକାଶରେ ଲାଗିବ ତାହାକୁ ନେଇ ଏବେ ଆଶଙ୍କା ବଢ଼ିଛି।

ପ୍ରସିଦ୍ଧ ଜାଗରଯାତ୍ରାର ଅବ୍ୟବହିତ ପୂର୍ବରୁ ଶୁକ୍ରବାର କପିଳାସ ପୀଠ ପାଦଦେଶରେ ଧ୍ୟାନମୁଦ୍ରାରେ ଥିବା ମହାଦେବଙ୍କ ଭବ୍ୟ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ଏଥିସହ ବାରବାଙ୍କ ଘାଟିରାସ୍ତାରେ ଅବଶିଷ୍ଟ ୭ ବାଙ୍କରେ ଆଲୋକୀକରଣ କାର୍ଯ୍ୟ ଲୋକାର୍ପିତ କରାଯାଇଛି। ମୁଖ୍ୟ ଅତିଥି ଭାବେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ଉଭୟ ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ସୁଧୀର ସାମଲ, ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ଜିଲାପାଳ ସରୋଜ ସେଠୀ, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ସ୍ନିଗ୍ଧାରାଣୀ ଧଳ, ଗଁଦିଆ ବିଡିଓ ଆଶିଷ ରଞ୍ଜନ ସାହୁ, ଦେଓଗାଁ ସରପଞ୍ଚ ବିଜୟ କୁମାର ଦେହୁରୀ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ କହିଲେ, କପିଳାସ ପୀଠର ଉନ୍ନତୀକରଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ବର୍ଷକ ମଧ୍ୟରେ ମନ୍ଦିରର ରୂପରେଖ ବଦଳିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

ଅନ୍ୟପଟେ ଏହି ପ୍ରାଚୀନ ପୀଠର ପରିଚାଳନା ଦାୟିତ୍ୱରେ ଥିବା ଏଏସ୍ଆଇ ସହଯୋଗ ନ କଲେ କିପରି ଗର୍ଭଗୃହ ମରାମତି ହେବ ଏବଂ ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟ ସମ୍ଭବ ହେବ ତାହା ଏବେ ବଡ଼ ପ୍ରଶ୍ନ ହୋଇ ଛିଡ଼ା ହୋଇଛି। କାରଣ ୨୦୦୪ରୁ କପିଳାସ ମନ୍ଦିର ଏଏସ୍ଆଇ ଅଧୀନରେ ରହିଛି। ଇତିମଧ୍ୟରେ ଦୀର୍ଘ ୧୯ ବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ମଧ୍ୟ ମନ୍ଦିରର ଆଖିଦୃଶିଆ ଉନ୍ନତୀକରଣ ହୋଇପାରିନାହିଁ। ଏଏସ୍ଆଇର ଜଟିଳ ଗାଇଡ୍‌ଲାଇନ ବିକାଶରେ ପ୍ରମୁଖ ବାଧକ ସାଜିଛି। ତେଣୁ ଇଚ୍ଛା ଥିଲେ ବି ପ୍ରଶାସନ କିମ୍ବା ରାଜ୍ୟ ସରକାର ସେଠାରେ ଉନ୍ନୟନ କାର୍ଯ୍ୟ ହାତକୁ ନେଇପାରୁନାହାନ୍ତି। ଏବେ ମଞ୍ଜୁର ହୋଇଥିବା ୧୦ କୋଟି ଟଙ୍କା ଅନୁଦାନ ଅର୍ଥ କିପରି ଖର୍ଚ୍ଚ ହେବ ତାହାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି।

ଏ ସଂକ୍ରାନ୍ତରେ ବିଧାୟକ ସାମଲ କୁହନ୍ତି, ଏଏସ୍ଆଇର ଅସହଯୋଗ ଯୋଗୁ ମନ୍ଦିର ବେଢ଼ାର ଉନ୍ନତୀକରଣ କାମ ହୋଇପାରୁନାହିଁ। ଏହାର ସମାଧାନ କିପରି ହେବ ସେ ନେଇ ୫-ଟି ସଚିବ ଗୁରୁତ୍ୱାରୋପ କରିଛନ୍ତି। ମନ୍ତ୍ରୀ ମଲ୍ଲିକ କୁହନ୍ତି, କପିଳାସ ସମେତ ରାଜ୍ୟର ଅନ୍ୟ ୫ଟି ପର୍ଯ୍ୟଟନସ୍ଥଳୀର ଉନ୍ନତୀକରଣ ପାଇଁ ମୁଖ୍ୟମନ୍ତ୍ରୀ ଅନୁଦାନ ମଞ୍ଜୁର କରିଛନ୍ତି। ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଏଏସ୍ଆଇ କର୍ତ୍ତୃପକ୍ଷଙ୍କୁ ଡାକି ଆଲୋଚନା କରାଯିବ। ଯେପରି କାମ ଶୀଘ୍ର ଆରମ୍ଭ ହେବ, ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

# ଆଜି ପ୍ରସିଦ୍ଧ ଜାଗରଯାତ୍ରା

**ଢେଙ୍କାନାଳ ଅଫିସ, ୧୭।୨**

- ■ସଜେଇ ହୋଇଛି କପିଳାସ
- ■ପୀଠରେ ପହଞ୍ଚିଲେଣି ଶ୍ରଦ୍ଧାଳୁ
- ■୧୪ ପ୍ଲାଟୁନ ଫୋର୍ସ ମୁତୟନ

କପିଳାସ ଶୈବପୀଠରେ ଶନିବାର ଅନୁଷ୍ଠିତ ହେଉଛି ପ୍ରସିଦ୍ଧ ମହାଜାଗର। କୋଭିଡ୍ କାରଣରୁ ଦୁଇବର୍ଷ ହେଲା ମହାଦେବଙ୍କ ଏହି ବାର୍ଷିକ ଯାତ୍ରାରୁ ଶ୍ରଦ୍ଧାଳୁ ବଞ୍ଚିତ ହୋଇ ରହିଥିଲେ। ତେଣୁ ଚଳିତବର୍ଷ ବହୁଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହେବା ସମ୍ଭାବନା ରହିଛି। ମହାଦେବଙ୍କ ଆଶୀର୍ବାଦ ଭିକ୍ଷା କରିବାକୁ ଶୁକ୍ରବାରଠାରୁ ଶ୍ରଦ୍ଧାଳୁଙ୍କ ସମାଗମ ଆରମ୍ଭ ହୋଇଥିବାବେଳେ ସଜେଇ ହୋଇଛି ସମଗ୍ର କପିଳାସ ପୀଠ।

ଅନ୍ୟପଟେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ଲାଗି ୧୪ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଛି। ୨ ଜଣ ଅତିରିକ୍ତ ଏସ୍‌ପି, ୬ ଡିଏସ୍‌ପି, ୧୨ ଇନ୍ସପେକ୍ଟର, ୯୦ ଏସ୍ଆଇ ଓ ଏଏସ୍ଆଇ, ୯ ଟ୍ରାଫିକ୍ କନଷ୍ଟେବଲ୍, ୨୦୦ ହୋମ୍‌ଗାର୍ଡ ଶାନ୍ତିଶୃଙ୍ଖଳା ରକ୍ଷାରେ ନିୟୋଜିତ ହେବେ। ସେହିପରି ଆଗନ୍ତୁଙ୍କ ପାଇଁ ପାନୀୟଜଳ, ବାରବାଙ୍କରେ ଆଲୋକୀକରଣ, ପାହାଚ ରାସ୍ତା ସଫାସୁତରା, ଆଶୁ ଚିକିତ୍ସା, ଦୀପ ଲଗାଇବ ବସିବା ବ୍ୟବସ୍ଥା କରାଯାଇଛି।

ଏ ସଂକ୍ରାନ୍ତରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର କୁହନ୍ତି, ପୋଲିସ ସମ୍ମୁଖରେ ୨ଟି ଚ୍ୟାଲେଞ୍ଜ ରହିଛି। ପ୍ରଥମତଃ ପୀଠରେ ସ୍ଥାନାଭାବ ମଧ୍ୟରେ ଶ୍ରଦ୍ଧାଳୁଙ୍କୁ ଶୃଙ୍ଖଳିତ ଦର୍ଶନ କରାଇ ଛାଡ଼ିବା ଏବଂ ଦ୍ୱିତୀୟତଃ କପିଳାସ ପୀଠକୁ ୩ ଦିଗରୁ ଆସୁଥିବା ଯାନବାହନ ନିୟନ୍ତ୍ରଣ କରିବା। ଏଥିଲାଗି ଶୁକ୍ରବାର ଅପରାହ୍ନରୁ ପୋଲିସ ମୁତୟନ କରାଯାଇଛି। ୧୯ ତାରିଖ ସକାଳେ ଭିଡ଼ କମିବା ଯାଏ ତୀକ୍ଷ୍ଣ ନଜର ରହିବ। ଶ୍ରୀଚନ୍ଦ୍ରଶେଖର ଜୀଉଙ୍କ ପ୍ରସିଦ୍ଧ ଜାଗର ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ପାଇଁ ଏସ୍‌ପି ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

## ନୀତିନିର୍ଘଣ୍ଟ ସ୍ଥିରୀକୃତ

ଜାଗର ଉପଲକ୍ଷେ ରାଜ ପୁରୋଧା ପଞ୍ଚାନନ ମିଶ୍ରଙ୍କ ଦ୍ୱାରା ନୀତିନିର୍ଘଣ୍ଟ ସ୍ଥିରୀକୃତ କରାଯାଇଛି। ପ୍ରାତଃରୁ ଦୈନନ୍ଦିନ ନୀତିକାନ୍ତି ପରେ ସନ୍ଧ୍ୟା ୭ଟାରୁ ରାତି ସାଢ଼େ ୨ଟା ମଧ୍ୟରେ ପାରମ୍ପରିକ ନିୟମ ଅନୁଯାୟୀ ସମସ୍ତ ଚାରିପୂଜା ସମ୍ପନ୍ନ ହେବ। ଏହାପରେ ପର୍ଯ୍ୟାୟକ୍ରମେ ମହାରୁଦ୍ରାଭିଷେକ, ମହାସ୍ନାନ, ନାଗାଭରଣ ବେଶ, ପଞ୍ଚବକ୍ରପୂଜା ସମ୍ପନ୍ନ ହେବ। ରାତି ୩ଟା ୫୫ରେ ବେଢ଼ା ପରିକ୍ରମା ପରେ ପ୍ରାତଃ ୪ଟା ୯ ମଧ୍ୟରେ ପାଳିଆ ସେବକଙ୍କ ଦ୍ୱାରା ମନ୍ଦିର ଚୂଡ଼ାକୁ ମହାଦୀପ ଉଠିବ। ଏହାପରେ ୪ଟା ୨୫ରେ ହରିହର ଭେଟ, ସାଢ଼େ ୪ରୁ ୪ଟା ୪୦ ମଧ୍ୟରେ ନିତ୍ୟଧୂପ ଓ ପହୁଡ଼, ୪ଟା ୫୦ରେ ଠାକୁରଙ୍କ ଯୋଗନିଦ୍ରା ଭଙ୍ଗ କରାଯିବ। ସକାଳ ୫ଟା ୨୫ ମିନିଟ୍ ପର୍ଯ୍ୟନ୍ତ ମହାଦେବ ଶ୍ରୀଚନ୍ଦ୍ରଶେଖରଜୀଉ ଯୋଗୀବେଶରେ ଦର୍ଶନ ଦେବେ। ବୋଲି କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି।

# ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାର ପ୍ରତିବାଦ

**ପରଜଙ୍ଗ, ୧୭।୨(ଡି.ଏନ୍.ଏ.)**

ରାଜ୍ୟରେ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଆଇନଶୃଙ୍ଖଳା ପ୍ରତିବାଦରେ ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ସମ୍ମୁଖରେ ଶୁକ୍ରବାର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଥାନାଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

ରାଜ୍ୟ ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଦୀପକ ଗୋଚ୍ଛାୟତ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଭୂତି ପ୍ରଧାନ, ଜିଲା ଯୁବମୋର୍ଚ୍ଚା ସଭାପତି ଏମ୍‌କେ ମହିମାଙ୍କ ସମେତ ଶତାଧିକ ଭାଜପା କର୍ମୀ ବିକ୍ଷୋଭରେ ସାମିଲ ହୋଇଥିଲେ। ଏଥିପୂର୍ବରୁ ପରଜଙ୍ଗ ଶିବ ମନ୍ଦିରଠାରୁ ଏକ ଶୋଭାଯାତ୍ରା ବାହାରି ଥିଲା। ଦଳୀୟ ନେତୃବୃନ୍ଦ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ୍ ଦେଇ ନଗର ପରିକ୍ରମା କରିଥିଲେ। ପରେ ଥାନା ସମ୍ମୁଖରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଆଗାମୀ ଦିନରେ ଆଇନଶୃଙ୍ଖଳା କ୍ଷେତ୍ରରେ ସୁଧାର ନ ଆସିଲେ ପ୍ରତି ଥାନା ଘେରାଉ କରାଯିବ ବୋଲି ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ କଡ଼ା ଚେତାବନୀ ଦେଇଛନ୍ତି।



ଆଇନଶୃଙ୍ଖଳା ପ୍ରତିବାଦରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଆୟୋଜିତ ବିକ୍ଷୋଭ ସମାବେଶରେ ଦଳୀୟ ନେତୃବୃନ୍ଦ।

## ବ୍ୟାଙ୍କ ସ୍ଥାନାନ୍ତରକୁ ଉଫୁନାର ବିରୋଧ

**ଢେଙ୍କାନାଳ ଅଫିସ, ୧୭।୨**

ଢେଙ୍କାନାଳ ଗଣେଶ ବଜାରସ୍ଥିତ ଇଣ୍ଡିଆନ୍ ବ୍ୟାଙ୍କ ସ୍ଥାନାନ୍ତର ଓ ମିଶ୍ରଣକୁ ରଥଗଡ଼ା ଉଫୁନା ଅନୁଷ୍ଠାନ ପକ୍ଷରୁ ବିରୋଧ କରାଯାଇଛି। ଇଣ୍ଡିଆନ ବ୍ୟାଙ୍କର ଜବାହର ଚୌକସ୍ଥିତ ଶାଖା ସହିତ ଗଣେଶ ବଜାରସ୍ଥିତ ଇଣ୍ଡିଆନ୍ ବ୍ୟାଙ୍କକୁ ମିଶ୍ରଣ କରିବାକୁ ଯୋଜନା କରାଯାଉଛି। ଏହି ବ୍ୟାଙ୍କ ଉପରେ ବହୁ ବରିଷ୍ଠ ନାଗରିକ, ଭିନ୍ନକ୍ଷମ ବ୍ୟକ୍ତି, ରଥଗଡ଼ା, କୈବଲ୍ୟବଜାର, ବିଜୁ ପଟ୍ଟନାୟକ ମାର୍କେଟର ବହୁ ବ୍ୟବସାୟୀ ନିର୍ଭରଶୀଳ। ଏଠାରେ ଗାଡ଼ି ପାର୍କିଂ ସୁବିଧା ମଧ୍ୟ ରହିଛି। ତେଣୁ ବ୍ୟାଙ୍କ ସ୍ଥାନାନ୍ତର ହେଲେ ଅଞ୍ଚଳବାସୀଙ୍କ ସମସ୍ୟା ବଢ଼ିବ। ତେଣୁ ଏଭଳି ନିଷ୍ପତ୍ତି ବିରୋଧରେ ଅନୁଷ୍ଠାନ ପକ୍ଷରୁ ଜିଲାପାଳ ଓ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଇମେଲ୍ ଯୋଗେ ଅବଗତ କରାଯାଇଥିବା ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି। ଆୟୋଜିତ ବୈଠକରେ କବି ବାହାଦୁର ପାଟାସାହାଣୀ, ଇଂ. ଡମ୍ବରୁଧର ପଣ୍ଡା, ଦେବ ମିଶ୍ର, ଇଂ. ଅକ୍ଷୟ ଶତପଥୀ, ବିଶ୍ୱନାଥ ମହାପାତ୍ର ପ୍ରମୁଖ ଏହାର ପ୍ରତିବାଦ କରିଥିଲେ।

## ଅଗ୍ନିବିପନ୍ନଙ୍କୁ ପ୍ରଶାସନର ସହାୟତା


ବିଧାୟକ ଜଣେ କ୍ଷତିଗ୍ରସ୍ତଙ୍କୁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି।

**ପରଜଙ୍ଗ, ୧୭।୨(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ପଥରଖମ୍ବ ଗ୍ରାମରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡରେ ସର୍ବସ୍ୱାନ୍ତ ହୋଇପଡ଼ିଥିବା ବିପନ୍ନ ପରିବାରକୁ ଜିଲାପାଳଙ୍କ ରିଲିଫ୍ ଫାଣ୍ଡିରୁ ଶୁକ୍ରବାର ସହାୟତା ପ୍ରଦାନ କରାଯାଇଛି। ବିଧାୟକ ଡା. ନୃସିଂହ ଚରଣ ସାହୁ, ବ୍ଲକ ଅଧକ୍ଷା ଶର୍ମିଷ୍ଠା ଦଳବେହେରା, ସରପଞ୍ଚ ବଳଭଦ୍ର ସାହୁ, ଜିଲାପାଳ ସରୋଜ ସେଠୀ, ପୁରୁଣା ଦଳିତ ସାହିରେ ପହଞ୍ଚି କ୍ଷତିଗ୍ରସ୍ତଙ୍କୁ ସମବେଦନା ଜଣାଇଥିଲେ। ଏହି ଅବସରରେ ୨୫ ବିପନ୍ନ ପରିବାରଙ୍କୁ ୨୦ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ବାବଦ ଚେକ୍ ପ୍ରଦାନ କରାଯାଇଥିଲା। ଏଥିସହ ନଗଦ ୨ ହଜାର ଟଙ୍କା ଲେଖାଏ ମଧ୍ୟ ଦିଆଯାଇଥିଲା। ଖୁବ୍‌ଶୀଘ୍ର ସମସ୍ତଙ୍କୁ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ବୋଲି ଜିଲାପାଳ କହିଛନ୍ତି। ଅଗ୍ନିକାଣ୍ଡରେ ସର୍ବସ୍ୱ ହରାଇଥିବା ସମ୍ପୃକ୍ତ ପରିବାରଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟର ବ୍ୟବସ୍ଥା କରାଯାଇଛି। ପଲିଥିନ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଗତ ୧୫ ତାରିଖରେ ଶରତ ନାଏକ ନାମକ ଜଣେ ବ୍ୟକ୍ତି ପାରିବାରିକ କନ୍ଦଳରୁ ଘରେ ନିଆଁ ଲଗାଇ ଦେଇଥିଲେ। ପରେ ନିଆଁ ବ୍ୟାପୀ ସମ୍ପୂର୍ଣ୍ଣ ସାହି ଜଳିଯାଇଥିଲା। ଘଟଣା ଘଟାଇ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଏ ନେଇ ସରପଞ୍ଚଙ୍କ ଅଭିଯୋଗକ୍ରମେ କାମାକ୍ଷାନଗର ଥାନାରେ ଏକ ମାମଲା ରୁଜୁ ହୋଇଛି।

# ପାଦଦେଶରେ ମହାଦେବଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ


ମହାଦେବଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ମନ୍ତ୍ରୀ, ବିଧାୟକ, ଜିଲା ପରିଷଦ ସଭାନେତ୍ରୀ, ଜିଲାପାଳଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୧୭।୨**

ପ୍ରସିଦ୍ଧ ଜାଗରଯାତ୍ରା ଅବ୍ୟବହିତ ପୂର୍ବରୁ ଶ୍ରୀ ଚନ୍ଦ୍ରଶେଖରଜୀଉଙ୍କ ଆସ୍ଥାନ କପିଳାସ ପାଦଦେଶରେ ଶୁକ୍ରବାର ଧ୍ୟାନମୁଦ୍ରାରେ ଥିବା ମହାଦେବଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି। ୨୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ପାର୍କ ମଧ୍ୟରେ ସ୍ଥାପିତ ଉକ୍ତ ଶିବମୂର୍ତ୍ତିରେ ୱାଟର ଫାଉଣ୍ଟେନ୍ ବ୍ୟବସ୍ଥା କରାଯାଇଛି। ମହାଦେବଙ୍କ ଉକ୍ତ ପ୍ରତିମୂର୍ତ୍ତି ମୟୂରଭଞ୍ଜ ଜିଲା ଖିଚିଂରେ ନିର୍ମାଣ କରାଯାଇ ଅଣାଯାଇଥିବାବେଳେ ଏଥିରେ ଖର୍ଚ୍ଚ ହୋଇଛି ୨ ଲକ୍ଷ ଟଙ୍କା। ଉକ୍ତ ପାର୍କ, ପ୍ରତିମୂର୍ତ୍ତି ବର୍ଷତମାମ ପୀଠକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ। ଶ୍ରୀଚନ୍ଦ୍ରଶେଖର ଧ୍ୟାନମୁଦ୍ରାରେ ପୂଜା ପାଉଛନ୍ତି। ତେଣୁ ଉକ୍ତ ପ୍ରତିମୂର୍ତ୍ତିକୁ ଅନୁରୂପ କରାଯାଇଥିବା ସେବାୟତମାନେ କହିଛନ୍ତି।

### ସମ୍ପୂର୍ଣ୍ଣ ଆଲୋକୀକରଣ ହେଲା ବାରବାଙ୍କ ଘାଟିରାସ୍ତା

ସେହିପରି କପିଳାସ ପୀଠକୁ ସଂଯୋଗ କରୁଥିବା ବାରବାଙ୍କ ଘାଟି ରାସ୍ତାରେ ଆଲୋକୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ୨୦୨୨ରେ ମୋଟ ୧୨ଟି ବାଙ୍କ ମଧ୍ୟରୁ ୫ଟିରେ ବିଦ୍ୟୁତୀକରଣ କାମ ଶେଷ ହୋଇଥିଲା। ଶୁକ୍ରବାର ଅବଶିଷ୍ଟ ୭ ବାଙ୍କର କାମ ଶେଷ ପରେ ଏହାକୁ ଲୋକାର୍ପଣ କରାଯାଇଛି। ୨ ପର୍ଯ୍ୟାୟ ଆଲୋକୀକରଣ କାର୍ଯ୍ୟ ପାଇଁ ମୋଟ୍ ୭୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି।

ଏ ସଂକ୍ରାନ୍ତରେ ଜିଲାପାଳ ସରୋଜ କୁମାର ସେଠୀ କୁହନ୍ତି, ବାରବାଙ୍କ ଘାଟିରାସ୍ତାରେ ଆଲୋକୀକରଣ କାର୍ଯ୍ୟ ଶେଷ ହୋଇଛି। ଫଳରେ ଜାଗର ସମେତ ସନ୍ଧ୍ୟାରେ ପୀଠକୁ ଆସୁଥିବା ଶ୍ରଦ୍ଧାଳୁମାନେ ଭଲ ଅନୁଭୂତି ନେଇ ଫେରିବେ। କପିଳାସ ପାଦଦେଶର ସବୁଜିମା ପରିବେଶରେ ପାର୍କରେ ଶିବଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ବର୍ଷ ସାରା କପିଳାସ ପୀଠରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ହେବ।

## ଶ୍ରୀଚନ୍ଦ୍ରଶେଖର ନା ଶ୍ରୀକପିଳେଶ୍ୱର

### ଫଳକରେ ତ୍ରୁଟି, ଷ୍ଟିକର ଲାଗିଲା

କପିଳାସ ପୀଠ ପାଦଦେଶରେ ମହାଦେବଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ଲାଗିଥିବା ନାମଫଳକକୁ ନେଇ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଫଳକରେ ଶ୍ରୀଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ ନାମ ବଦଳରେ ବାବା ଶ୍ରୀଶ୍ରୀ କପିଳେଶ୍ୱର ବୋଲି ଦର୍ଶାଯାଇଛି। ପ୍ରତିମୂର୍ତ୍ତି ଉନ୍ମୋଚନ ପୂର୍ବରୁ ଏହାର ଫଟୋ ସୋସିଆଲ ମିଡିଆରେ ଭାଇରାଲ୍ ହେବା ପରେ ଜିଲାର ମାନ୍ୟଗଣ୍ୟ ବ୍ୟକ୍ତି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏଭଳି ତ୍ରୁଟି ପାଇଁ ଜିଲା ପ୍ରଶାସନ ଓ ଦେବୋତ୍ତର ବିଭାଗକୁ ସମାଲୋଚନା ଖୋଲାଖୋଲି ସମାଲୋଚନା ମଧ୍ୟ କରିଥିଲେ। ତେଣୁ ପ୍ରତିମୂର୍ତ୍ତି ଉନ୍ମୋଚନ ପୂର୍ବରୁ ଫଳକରେ ଦର୍ଶାଯାଇଥିବା ତ୍ରୁଟିପୂର୍ଣ୍ଣ ନାମ ଉପରେ କଳାରଙ୍ଗର ଷ୍ଟିକର ମରାଯାଇଥିଲା। ଏଭଳି ଭୁଲକୁ କିପରି ଦେବୋତ୍ତର ବିଭାଗ ଅଧିକାରୀମାନେ






ଭୁଲ୍ ଥିବା ନାମ ଫଳକ (ବାମ)। ଉନ୍ମୋଚନ ପୂର୍ବରୁ ଫଳକରେ କଳା ଷ୍ଟିକର ଲଗାଯାଇଛି।

ଧରିପାରିଲେ ନାହିଁ, ତାହାକୁ ନେଇ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ବିଭାଗର ଜଣେ କର୍ମଚାରୀ କୁହନ୍ତି, ଜାଣିପାରିଲୁ ନାହିଁ। ଭୁଲ ହୋଇଗଲା।

ସେହିପରି ଫଳକରେ ଏମ୍‌ପି ମହେଶ ସାହୁ, ବିଧାୟକ ଡା. ନୃସିଂହ ଚରଣ ସାହୁ ଏବଂ ବିଧାୟିକା ସୀମାରାଣୀ ନାୟକଙ୍କ ନାମ ଉଲ୍ଲେଖ ଥିଲେ ମଧ୍ୟ କେହି ଆସି ନ ଥିଲେ, ଯାହା ଆଲୋଚନାର ବିଷୟ ହୋଇଛି। ଏ ସଂକ୍ରାନ୍ତରେ ଜିଲାପାଳ ସରୋଜ କୁମାର ସେଠୀ କୁହନ୍ତି, ଶିବଙ୍କ ୧୦୮ ନାମ ଅଛି ବୋଲି କୁହାଯାଏ। ତେଣୁ ଶ୍ରୀଶ୍ରୀ ଚନ୍ଦ୍ରଶେଖର ମହାଦେବ ଯିଏ, କପିଳେଶ୍ୱର ମହାଦେବ ମଧ୍ୟ ସିଏ। ହେଲେ ସମସ୍ତଙ୍କ ଅନୁରୋଧକ୍ରମେ ଆମେ ବର୍ତ୍ତମାନ ଏହା ଶିବଙ୍କର ପ୍ରତିମୂର୍ତ୍ତି ବୋଲି କହୁଛୁ।

